# ସଂସ୍କୃତି ବିହାର-ଏକ ସାମାଜିକ ଜାଗରଣ

• ମନମୋହନ ମିଶ୍ର

ଆଜିକୁ ପଚିଶ ବର୍ଷ ତଳେ । ଜନ୍ମ ନେଇଥିଲା ଏକ ଶିଶୁ ଅନୁଷ୍ଠାନ । ଯେଉଁମାନେ ତାହାକୁ ଲାଳନପାଳନ କରି ଏତେ ପଚିଶ ବର୍ଷର ସମ୍ମାନିତ ସାବାଳକ କରିଛନ୍ତି, ସେମାନଙ୍କ ଭିତରୁ ଅଧିକାଂଶ ମୁଖ୍ୟ ଭୂମିକାଧାରୀ ସେତେବେଳେ ଥିଲେ କିଶୋର ଇଂରାଜୀରେ ଯାହାକୁ କହନ୍ତି teen-agers, ପଞ୍ଚଦଶ, ଷୋଡ଼ଶ, ସପ୍ତଦଶ ବୟସର ପିଲା ।

ସେତେବେଳେ.... ତାହା ଥିଲା ରାଜନୈତିକ ସ୍ୱାଧୀନତା ଲାଭ ପରର ପନ୍ଦର ବର୍ଷ । ଉଭୟ ଆଶା ଓ ନିରାଶାର କାଳ । ସ୍ୱାଧୀନତାର ଝଲସରେ ଯାହାକିଛି କୁଣ୍ଠିତ ପୁନର୍ଜାଗରଣ ଅଙ୍କୁରି ଉଠିଥିଲା, ତାହା ଥିଲା ପରଧୀନତା ଭୋଗିଥିବା ଲୋକଙ୍କ ମନରେ । ସ୍ୱାଧୀନତା କାଳର ଅର୍ଥାତ୍ ୧୯୪୦ ଦଶକର ଶେଷାର୍ଦ୍ଧରେ ଜନ୍ମିଥିବା ପିଲାମାନେ ସୁଯୋଗର ନିଷ୍ଫଳତା ଅଙ୍ଗେ ନିଭେଇ ନ ଥିଲେ । ତେଣୁ ସେମାନଙ୍କ ଭିତରେ ଥିଲା ଅଫୁରନ୍ତ ଆଶା । କିନ୍ତୁ ଯେଉଁମାନେ ବିଦେଶୀ ଶାସନର ଦୁର୍ଭୋଗ ଭୋଗିଥିଲେ, ସ୍ୱାଧୀନତାର ଫଳ ଆଶାନୁରୂପ ନ ଥିବାରୁ ଯେଉଁମାନଙ୍କ ମନରେ ଥିଲା ନିରାଶା ମିଶା ଅବସୋସ, ସେମାନଙ୍କ ମନରେ ପରାଧୀନତାର ଦାରିଦ୍ର୍ୟ ଓ ଅବକ୍ଷୟ - ଆର୍ଥିକ, ସାଂସ୍କୃତିକ, ନୈତିକ ଛାୟା ଘୋଟି ରହିଥିଲା । ସ୍ୱାଧୀନତା ଆସିଲା, କିନ୍ତୁ କୌଣସି ଆଖିଦୃଶିଆ ପରିବର୍ତ୍ତନ ହେଲା ନାହିଁ । କାରଣ ସେହି ପରିବର୍ତ୍ତନର ନିୟାମକ ଯୁବକଗୋଷ୍ଠୀ ନୂତନ ଜୀବନରେ ବିଶେଷ ଉତ୍ସାହିତ ହେଲେ ନାହିଁ । ଯାହା କିଛି ଉଦ୍ୟମୀ ସଙ୍ଗଠନ ନବୀନ ଆଭିମୁଖ୍ୟ ନେଇ ମୁଣ୍ଡ ଟେକିବାକୁ ବସିଥିଲେ, ସେମାନେ ବ୍ରିଟିଶ ବେଳର ଗତାନୁଗତିକତାର ପଙ୍କରେ ବୁଡ଼ିବାକୁ ଲାଗିଲେ । ଯାହା ସ୍ୱଦେଶୀ ତାହା ପୁରାତନ, ତେଣୁ ଅଶ୍ରେୟ । ଯାହା ଶ୍ରେୟ ତାହା ସବୁ ଯନ୍ତ୍ର ସଭ୍ୟତାର ଦାନ । ଏହି ଭାବନା ବିଲାତୀ ଗୋଲାମୀ ଶାସନବେଳେ ଶିକ୍ଷିତଙ୍କ ମନରେ ପ୍ରାୟ ବଦ୍ଧମୂଳ ହୋଇଯାଇଥିଲା । ବିଜ୍ଞାନ, ଗଣତନ୍ତ୍ର, ପ୍ରଯୁକ୍ତିବିଦ୍ୟା ଇତ୍ୟାଦି ପ୍ରଗତିସୂଚକ ଚେତନା ଯେ ବ୍ରିଟିଶ ରାଜତ୍ୱ ଫଳରେ ମିଳିଛି ଏକଥା ଥିଲା ବିଲାତି-ଶିକ୍ଷିତ ବ୍ୟାଧିଗ୍ରସ୍ତ ମନର ବିକୃତ ଧାରଣା । ବିଦେଶୀ ଶାସନ ଗଲା, କିନ୍ତୁ ବିଦେଶୀ ସଂସ୍କୃତି, ଆଚାରବ୍ୟବହାର, ଜୀବନଧାରା, ପରିବାର ଗଠନ ଆହୁରି ଜୋରଦାର ଭାବରେ ଆମର ପାଠପଢ଼ୁଆଙ୍କୁ ଜାବୁଡ଼ି ଧରିଲା । ପରଦେଶୀ ଅନ୍ଧାନୁସରଣ ନୂତନ ସୃଷ୍ଟିର ମର୍ଯ୍ୟାଦା ପାଇଲା ନାହିଁ । ତାହା ବ୍ୟର୍ଥତାର କ୍ଳାନ୍ତିରେ ମଉଳି ଯିବାରେ ଲାଗିଲା ।

**ସାମାଜିକ ଉଦ୍‌ବେଳନ :** ସେତିକିବେଳେ ଓଡ଼ିଶାର କୃଷ୍ଟିର ପ୍ରାଣକେନ୍ଦ୍ର କଟକର କେତେଜଣ କିଶୋରଙ୍କର ପ୍ରାଣର ଉନ୍ମାଦନା ଥିଲା । ଏହି 'ଆକାଶରୁ ପତିତ ଜଳ' । ଆଦି ଶଙ୍କରାଚାର୍ଯ୍ୟଙ୍କର ଗୋଟିଏ ଶ୍ଳୋକ 'ଆକାଶାତ୍ ପତିତଃ ତୋୟଂ ଯଥା ଗଚ୍ଛତି ସାଗରଂ" ଏହି ଶ୍ଳୋକର ଦ୍ୱିତୀୟ ପୟାରଟି ପଣ୍ଡିତ ଗୋପବନ୍ଧୁଙ୍କର ଅଭ୍ୟସ୍ତ ସୁପରିଚିତ ଉଦ୍ଧୃତି 'ସର୍ବଦେବଃ ନମସ୍କାର କେଶବଂ ପ୍ରତିଗଚ୍ଛତି ।' ଆକାଶରୁ ପତିତ ଜଳ ସ୍ୱଚ୍ଛ, ଅବାରିତ, ଚଞ୍ଚଳ । ତାହା ଏକତ୍ରିତ ଓ ସମାହିତ ହୋଇ ହୁଏ ନିର୍ଝର (ମହାନଦୀ) । ଠିକ୍ ସେପରି ଏହି କିଶୋରଦଳ... ଆକାଶରୁ ପତିତ ଜଳ 'ସଂସ୍କୃତି ବିହାର' । ଏମାନେ ଥିଲେ ଅଧିଂକାଶ ସେକେଣ୍ଡାରୀ ସ୍କୁଲ ଛାତ୍ର । ତେଣୁ ଜୀବନ ସଂଗ୍ରାମର ପ୍ରତ୍ୟକ୍ଷ ପ୍ରବେଶ ଏମାନଙ୍କର ନ ଥିଲା । କୌଣସି ବୃତ୍ତିଗତ ଆକାଂକ୍ଷା ନ ଥିଲା । ଓଡ଼ିଶାର ମନ୍ଥର ସ୍ରୋତ ଜଳରେ ଚଞ୍ଚଳ ବନ୍ୟାର ପ୍ଲାବନ ଥିଲା ଏମାନଙ୍କର ପ୍ରଥମ କାର୍ଯ୍ୟ ।

ଏହି ସ୍ୱତଃପ୍ରବୃତ୍ତ ସ୍ରୋତଧାରାର ଗତି କେଉଁଆଡ଼େ ? କେଉଁଠି ସେହି ମାହାସାଗର ? ଯେଉଁ ପ୍ରବୀଣମାନେ ଏହି କିଶୋର ଉଦ୍‌ବେଳନ ପ୍ରତି ସଚେତନ ହୋଇଥିଲେ ସେମାନେ ଥିଲେ ଆଲୋକବର୍ତ୍ତିକା ଭଳି । ସେମାନେ କେବଳ ଓଡ଼ିଶାର ମହାନ୍ ଅତୀତ ଓ ସାଂପ୍ରତିକ ପରିସ୍ଥିତିର ସୂଚନା ଦେଇଥିଲେ । ସେମାନେ ଏହି ସ୍ରୋତର ଦିଗ୍‌ଦର୍ଶନ ଏହି କିଶୋରମାନଙ୍କର ସହଜଜ୍ଞାନ ଓ ଅନ୍ତର୍ନିହିତ ଚେତନା ଉପରେ ଛାଡ଼ି ଦେଇଥିଲେ ।

ପଣ୍ଡିତ ଗୋପବନ୍ଧୁଙ୍କର 'ସର୍ବଦେବଃ ନମସ୍କାରଃ କେଶବମ୍ ପ୍ରତିଗଚ୍ଛତି' ଉଦ୍ଧୃତିର ଲକ୍ଷ୍ୟ ଥିଲା, ଯେ କୌଣସି ଦେବଦେବୀ (ଅର୍ଥାତ୍ ମନୁଷ୍ୟ, ଆର୍ଯ୍ୟଙ୍କ ଭାଷାରେ ସବୁ ମନୁଷ୍ୟ 'ଦେବ')ଙ୍କୁ ନମସ୍କାର କଲେ ତାହା ଭଗବାନଙ୍କ ନିକଟରେ ନିଶ୍ଚୟ ପହଞ୍ଚିବ, (ଯେପରି ଆକାଶରୁ ପତିତ ଜଳ ସବୁ ସାଗରରେ ମିଶିବ) । ଠିକ୍ ସେହିପରି ବିରାଟ ଭାରତବର୍ଷକୁ କର୍ମଭୂମି କରିବାର ଉଚ୍ଚାଭିଳାଷ ନ କରି କେବଳ ଓଡ଼ିଶାର ଉନ୍ନୟନ ଓ ବିକାଶ ଲାଗି ତନୁକ୍ଷୟ କଲେ ତାହା ମହାଭାରତୀୟ ଉନ୍ନୟନ ଓ ବିକାଶର ସହାୟକ ହେବ ।

ସୌଭାଗ୍ୟର କଥା, 'ସଂସ୍କୃତି ବିହାର'ର ପ୍ରତିଷ୍ଠାତା ଏହି କିଶୋରଦଳ ଆପଣାର ଜାତୀୟ ସଂସ୍କୃତି ଓ ଭାଷା ପାଇଁ ସ୍ୱାଭିମାନୀ ଓ ଉଚ୍ଚାଭିଳାଷୀ ଥିଲେ ମଧ୍ୟ ପରିସ୍ଥିତି-ସଚେତନ ଥିଲେ । ସେମାନେ ଆକାଶ କଇଁୟାଁ ତୋଳିବାକୁ ଉଦ୍ୟମ କରି ନ ଥିଲେ । ଯାହା ଏହି ଓଡ଼ିଶା ମାଟିରେ ଅତି ପରିଚିତ, ଯାହା ଖଟୁଳିରେ ପୋକର ଖାଦ୍ୟ ହେଉଥିଲା, ଯାହା ଅତି ପରିଚିତ ହେଲେ ମଧ୍ୟ ସମ୍ଭ୍ରାନ୍ତର ପରିଧି ଭିତରେ ପଶୁ ନ ଥିଲା, ତାହାକୁ ସେମାନେ ନବନ୍ୟାସ ଦେଲେ ।

ସେମାନଙ୍କର ଅଗ୍ରଗତିର ବିବର୍ତ୍ତନ ହେଉଛି ଓଡ଼ିଶାର ସାମାଜିକ ଜାଗରଣର ଏକ କ୍ରମବିକାଶ । 'ରଜ ଉତ୍ସବ' ଥିଲା ଅନ୍ତଃପୁରରେ, ଖୁବ୍ ବେଶି ହେଲେ ବାଗୁଡ଼ିଖେଳ ପଡ଼ିଆରେ । ସେହି ରଜଦୋଳି ଗୀତର ମୂର୍ଚ୍ଛନାରେ ସେମାନେ 'ହା ଅନ୍ନ' ହାହାକାରର ଓଡ଼ିଶୀ ନୃତ୍ୟ ସର୍ଜନା କରିଛନ୍ତି । ଓଡ଼ିଶାର ଲୋକବିଶ୍ରୁତ ଯାତ୍ରା ସୁଆଙ୍ଗ ଇତ୍ୟାଦି  ଜାତୀୟ ଆଙ୍ଗିକକୁ ମୁକ୍ତାକାଶ ରଙ୍ଗ ମଞ୍ଚରେ ବର୍ଷକୁ ବର୍ଷ ପ୍ରଦର୍ଶନ କରାଇ ସେମାନେ ସହସ୍ର ସହସ୍ର ଦର୍ଶକଙ୍କୁ ପୁଲକିତ ଓ ଚମତ୍କୃତ କରିଛନ୍ତି ଓ ଓଡ଼ିଶାର ଐତିହ୍ୟକୁ ମହିମାମଣ୍ଡିତ କରିଛନ୍ତି । ରାମାୟଣ ଓ ମହାଭାରତପରି ପୁରାଣ ମହାକାବ୍ୟ ଚରିତ୍ର ଆହରଣ କରିଥିବା ଗଣକବି ବୈଷ୍ଣବ ପାଣିଙ୍କର ଯାତ୍ରାକୁ ସେମାନେ ମର୍ଯ୍ୟାଦାର ଶିଖରୀରେ ପହଞ୍ଚାଇବାରେ ଅଗ୍ରଣୀ ହୋଇଛନ୍ତି । କଟକର ବାଲିଯାତ୍ରା ପଡ଼ିଆକୁ ଯାତ୍ରାର ଅଙ୍ଗନ କରି ଏହାର ପ୍ରାଚୀନ ମହତ୍ତ୍ୱର ଭାଲରେ ବିଜୟ ତିଳକ ଆଙ୍କିଛନ୍ତି । ଏମାନେ ଓଡ଼ିଶାର ସଂସ୍କୃତିର ରସକୁ ଦୁର୍ଗତ ଓଡ଼ିଶାର ଅଶ୍ରୁଜଳରେ ଅଭିଷିକ୍ତ କରିପାରିଛନ୍ତି ।

**ଅଗ୍ରଗତିର ପଥରେ :** ପଚିଶ ବର୍ଷର ଅଗ୍ରଗତି ପଥରେ 'ସଂସ୍କୃତି ବିହାର' ବହୁ ବହୁ ପ୍ରାକୃତିକ ଝଡ଼ଝଞ୍ଜାର ସମ୍ମୁଖୀନ ହୋଇଛି; କିନ୍ତୁ ପ୍ରମାଣ କରିଛି ଯେ ଓଡ଼ିଶାର ସାଂସ୍କୃତିକ ଶକ୍ତି ଦାରୁଣ ବିପତ୍ତିର ମୁକାବିଲା କରିପାରେ । ଏହି ପଚିଶ ବର୍ଷ ଭିତରେ ବହୁ ସହଯୋଗୀ ଏହାର ସୁଅର ଟାଣରେ ସାମିଲ୍ ହୋଇଛନ୍ତି । ନୂତନ  ନାଟ୍ୟକଳାର ସର୍ଜନାକାରୀମାନେ ଏହାକୁ ଦିଗ୍‌ଦର୍ଶନ ଦେଇଛନ୍ତି ଓ ତାହାରି ଜରିଆରେ ସଂସ୍କୃତି ବିହାରକୁ ଓ ଆପଣାକୁ ସ୍ୱନାମଧନ୍ୟ କରିଛନ୍ତି । ଏହି ବିହାରର ସାଂସ୍କୃତିକ ଜୀବନରୁ ଶିକ୍ଷାନବୀଶି କରି ଆଜିର ବହୁ ଆଦୃତ, ପ୍ରତିଷ୍ଠିତ ନାଟ୍ୟକାର, ଅଭିନେତା, ମଞ୍ଚଶିଳ୍ପୀ ଚଳଚ୍ଚିତ୍ର ନିର୍ଦ୍ଦେଶକ ଓଡ଼ିଶାର ନୃତ୍ୟ, ନାଟକ, ସଙ୍ଗୀତ, ବେତାର, ଚଳଚ୍ଚିତ୍ର ଓ ରଙ୍ଗମଞ୍ଚରେ ଖ୍ୟାତି ଅର୍ଜନ କରିଛନ୍ତି ଓ ସଂସ୍କୃତି ବିହାର ପରିବାରର ପରିସରକୁ ବ୍ୟାପକ କରିଛନ୍ତି । ଏହାରି ଭିତ୍ତିରେ ସଂସ୍କୃତିବନ୍ତ ଯୁବକମାନେ ଓଡ଼ିଶାରେ ଓ ଭାରତରେ ଏପରିକି ପ୍ରବାସରେ ଆପଣାର ବୃତ୍ତି ସହିତ ସଂସ୍କୃତି ବିହାରର ସଂସ୍କୃତି ଚେତନାକୁ ଗୌରବର ପଦକ ଭାବରେ ଗ୍ରହଣ କରିଛନ୍ତି । ଓଡ଼ିଶା, ଭାରତ ଓ ଏପରିକି ପ୍ରବାସର ବହୁ ଅଧ୍ୟାପକ, ଚିକିତ୍ସକ, ଇଞ୍ଜିନିୟର, ଆଡ଼ଭୋକେଟ, ପ୍ରଶାସକ ଇତ୍ୟାଦି ଏହି ସଂସ୍କୃତି ବିହାରର ପ୍ରାଥମିକ ଜୀବନର ଶିକ୍ଷାରେ ଜୀବନକୁ ରୁଚିବନ୍ତ ଓ ବୁଦ୍ଧିମନ୍ତ କରିଛନ୍ତି ।

**ଏକ ଦ୍ୟୋତନା :** ଆଗରୁ କହିଛି, "ସଂସ୍କୃତି ବିହାର" କେବଳ ଏକ ଅନୁଷ୍ଠାନ ନୁହେଁ, ଏହା ଏକ ପ୍ରେରଣାଦ୍ୟୋତକ ଶକ୍ତି । ଏହା ବିଜ୍ଞାନର ଭାଷାରେ - ଏକ କ୍ୟାଟାଲିଟିକ୍ ଏଜେଣ୍ଟ୍ । ଏହା ଯେ ଅମ୍ଳାନ ରହିଛି, ତା'ର କାରଣ ଏହା କାହାରି ପ୍ରତିଯୋଗୀ ନୁହେଁ । ଏହା ସଂସ୍କୃତିପ୍ରେମୀ ଓଡ଼ିଶାର ସହଯୋଗୀ ସଂସ୍ଥା । ଏହାର ପଚିଶ ବର୍ଷ ତଳର କିଶୋର ପ୍ରତିଷ୍ଠାତାମାନେ ଏବେ ଯୌବନର ଶେଷ ପାଦରେ ପହଞ୍ଚିଛନ୍ତି । ସେମାନେ ଯେଉଁ ଲକ୍ଷ୍ୟ ଘେନି ସଂସ୍କୃତି ବିହାର ପ୍ରତିଷ୍ଠା କରିଥିଲେ, ସେହି ଲକ୍ଷ୍ୟ କାଳଜୟୀ ।

ଗୁରୁଦେବ ରବୀନ୍ଦ୍ରନାଥଙ୍କ ଅନବଦ୍ୟ କବିତାର ଭାଷାରେ 'ତାଜମହଲ କାଳର କପୋଳ ତଳେ ଶୁଭ୍ର ସମୁଜ୍ଜ୍ୱଳ,  ଏକ ବିନ୍ଦୁ ନୟନର ଜଳ' । ଠିକ୍ ସେହିପରି ଏହି ସଂସ୍କୃତି ବିହାର - ରାଜନୈତିକ ସ୍ୱାଧୀନତା ପର ଭାରତର ପୁନର୍ଜାଗରଣର ଏକ ମୂର୍ଚ୍ଛନା । ପୁଣି ସେହି କବିଗୁରୁଙ୍କର ଭାଷାରେ କହିଲେ, 'ହୀରା, ନୀଳା, ମାଣିକ୍ୟର ଘଟା, ଶୂନ୍ୟ ଦିଗନ୍ତର ଇନ୍ଦ୍ରଜାଲ ଇନ୍ଦ୍ରଧନୁ ଛଟା, ଯଦି ଲୁପ୍ତ ହେବାର ଥାଏ, ତେବେ ଯାଉ, କିନ୍ତୁ ସେହି ସମ୍ରାଟର ଏକ ବିନ୍ଦୁ ବିରହ ଅଶ୍ରୁଜଳ ଚିର ଅମଳିନ ରହିବ ।' ଠିକ୍ ସେହିପରି ଏହି 'ସଂସ୍କୃତି ବିହାର' ଭବିଷ୍ୟତରେ କିଭଳି ସୌମ୍ୟ ସୁନ୍ଦର ହେବ ତାହା ବର୍ତ୍ତମାନ କଳନା କରିବା ଅବାନ୍ତର । କିନ୍ତୁ ଏହା ଯେ ଭାରତୀୟ ସାଂସ୍କୃତିକ ପୁନର୍ଜୀବନରେ ଏକ ସାମାଜିକ ଜାଗରଣ ଭାବରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିଅଛି ଏକଥା ଓଡ଼ିଶା ଓ ଓଡ଼ିଶାର ଇତିହାସ ପୃଷ୍ଠାରୁ କେହି କେବେ ଲିଭାଇ ପାରିବେ ନାହିଁ । ଏହା ହିଁ ଏହାର ସାର୍ଥକତା । ତେବେ ଏଭଳି ସାର୍ଥକତା କେତେଟା ଅନୁଷ୍ଠାନର ଭାଗ୍ୟରେ ଘଟେ ?

☐☐☐